# Akashvani, Sambalpur

## SAMBALPURI NEWS BULLETIN

### 2 August 2025 - 6.47- 6.52 am.

*********************************************

ପିଏମ୍-କିଶାନ ସାହାଜ୍          ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପିଏମ୍-କିଶାନ୍ ଯୋଜ୍ନା ୨୦ ନମ୍ବର କିସ୍ତି ସାହାଜ୍ ଟଙ୍କା ବାଂଟବେ । ନିଜର ନିର୍ବାଚନ ମଣ୍ଡଳୀ ବାରାଣାସୀଠାନୁ ଦେଶର୍ ୯ କୋଟି ୭୦ ଲାଖ୍ ଚାଷୀଙ୍କୁ ୨୦ ହଜାର୍ ୫୦୦ କୋଟି ଟଙ୍କାର୍ ସାହାଜ୍ ବାଂଟ୍ବେ । ଡିବିଟି ଜରିଏ ସିଧାସଲଖ୍ ଚାଷୀମାନ୍କର ଏକାଉଂଟକେ ଇ ସାହାଜ୍ ଟଙ୍କା ପଠାଯିବା । ଯୋଜ୍ନାଥି ଦେଶର୍ ଚାଷୀମାନ୍କୁ ଏବ୍ତକ୍ ୩ ଲାଖ୍ ୭୦ ହଜାର୍ କୋଟି ଟଙ୍କା ସାହାଜ୍ ବଂଟାଯାଇଛେ ।

ପିଏମ୍ କିଷାନ୍- ମୁଖ୍ୟମନ୍ତ୍ରୀ          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ କୌଶଲ୍ୟାଗଙ୍ଗ - ଆଇସିଏଆର୍ - ସିଫା ଠାନେ ଆଏଜ୍ ରାଜ୍ୟର୍ ଚାଷୀମାନ୍କୁ ପି.ଏମ୍. କିଷାନ୍ ଯୋଜ୍ନାର୍ ୨୦ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍ବେ । ଇ

ଖେପ୍‌ଥି ରାଜ୍ୟର୍ ପାଖାପାଖି ୩୫ ଲାଖ୍ ଚାଷୀଙ୍କୁ ଡିବିଟି ଜରିଏ ୨ ହଜାର୍ ଟଙ୍କା ଲେଖା ସାହାଜ୍ ଦିଆଯିବା । ଇଥର ଅତି ପ୍ରାଚୀନ୍ ଜନଜାତିର୍ ୨୭ ହଜାର୍‌ନୁ ଅଏତ୍‌କା ଚାଷୀ ପି.ଏମ୍. କିଷାନ୍ ଯୋଜ୍‌ନାଥି ସାହାଜ୍ ପାଇପାର୍‌ବେ ବଲି ଜନାପଡ଼ିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମନ୍ତ୍ରୀମାନେ ଚାଷୀମାନ୍‌କୁ ସାହାଜ୍ ଟଙ୍କା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟ କେବିନେଟ୍ I&PR

ରାଜ୍ୟ ସର୍‌କାର୍ ଆଏବା ୫ ବଛର୍ ଭିତ୍‌ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜ୍‌ନାଥି ୨ ହଜାର୍ ୭ ଶହ ୩୮ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ଇତାର୍ ଜରିଏ ରାଏଜେ ୫୭ ହଜାର୍ ହେକ୍ଟର୍ ଅଏତ୍‌କା ଜଲ୍‌ସେଚନ୍ କ୍ଷମତା ତିଆର୍ କରାଯାଇପାର୍‌ବା । ଇ ବାବଦ୍ ପ୍ରସ୍ତାବ୍‌କେ ଗଲାକାଏଲ୍ ରାଜ୍ୟ କେବିନେଟ୍ ବୈଠକ୍‌ଥି ଅନୁମୋଦନ୍ ମିଲିଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ୪ ଟା ବିଭାଗ୍‌ର୍ ୫ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ ବଲି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ମନୋଜ୍ ଆହୁଜା)

ସେନ୍ତା ଓଡ଼ିଶା ଦ୍ରବ୍ୟ ଆଉ ସେବାକର ଅଧିନିୟମ୍ -୨୦୧୭ ସଂଶୋଧନ୍ ପ୍ରସ୍ତାବ୍, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ୍ ନୀତି-୨୦୧୬ ସଂଶୋଧନ୍ ପ୍ରସ୍ତାବ୍, ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ-୧୯୭୧ ର ସଂଶୋଧନ୍ ପ୍ରସ୍ତାବ୍‌କେ ରାଜ୍ୟ କେବିନେଟ୍ ଅନୁମୋଦନ୍ କରିଛେ ।

ଶକ୍ତିଶ୍ରୀ ସଂଯୋଜିକା I&PR

ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ 'ଶକ୍ତିଶ୍ରୀ ସଂଯୋଜିକା' ନିଯୁକ୍ତି କର୍‌ବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଭାଗ୍‌ର ନିର୍ଦ୍ଦେଶ୍ ଅନ୍‌ସାରେ ଫି' ଶିକ୍ଷାନୁଷ୍ଠାନ୍‌ର କର୍ତୃପକ୍ଷ ନିଜର୍ ଅନୁଷ୍ଠାନ୍‌ନୁ ଝନେ ଲେଖା ଅଧ୍ୟାପିକାଙ୍କୁ ଶକ୍ତିଶ୍ରୀ ସଂଯୋଜିକା ଭାବେ ବାଛ୍‌ବେ । ସେମାନେ ପରିସର୍ ନ ଛାତ୍ରୀମାନ୍‌କର୍ ଭିତ୍‌ରେ ସଚେତନତା ଆଉ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ମାନ୍ କର୍‌ବେ । ଇତାର୍‌ସହେତେ ପରିସର୍ ନ ଶକ୍ତିଶ୍ରୀ ସଶକ୍ତିକରଣ୍ ଶାଖାକେ ଆହୁରି ସକ୍ରିୟ କରାଯିବା । କେନ୍‌ସି ଭିଲ୍ ନିର୍ଯ୍ୟାତନା ଅଭିଯୋଗ୍ ଆସ୍‌ଲେ ତାର୍ ଉପ୍‌ରେ ତୁର୍‌ତି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇ ବାବ୍‌ଦେ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍‌ର କୁଳସଚିବ ମାନ୍‌କୁ ବିଭାଗ୍ ତର୍‌ଫୁ ଚିଠି କରାଯାଇଛେ ।

ଶ୍ରୀ ଜଗନ୍ନାଥ୍ ସଂଗ୍ରହାଳୟ ଥାପ୍‌ନା ବୈଠକ୍ I&PR

ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ୍ ସଂଗ୍ରହାଳୟ, ପାଠାଗାର ଆର୍ ସାଂସ୍କୃତିକ୍ ଗବେଷଣା କେନ୍ଦ୍ର ଥାପ୍‌ନା ବିଷେଥି ଗଲାକାଏଲ୍ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସଂଗ୍ରହାଳୟ ଥାପ୍‌ନାକେ ନେଇକରି ରୋଡ୍ ମେପ୍ ତିଆର୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସହରାଂଚଲ୍ ଭିତିଭୂମି ବଢ଼ାବାର୍ ସହେତେ ପୁରୀର୍ ଆଧ୍ୟାତ୍ମିକ ଆଉ ସାଂସ୍କୃତିକ୍ ଐତିହ୍ୟକେ ସଂରକ୍ଷିତ୍ ରଖ୍‌ବାର୍ ଉପ୍‌ରେ ଶ୍ରୀମତୀ ପାଢ଼ୀ ବୈଠକ୍‌ଥି ଜୋର୍ ଦେଇଥିଲେ ।

ସମ୍ବଲ୍‌ପୁରୀ ଦିନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରୀ ଭାଷାକେ ସାମ୍ବିଧାନିକ୍ ମାଏନ୍‌ତା ଦେବାର୍ ଚେରେଷ୍ଟା ଜାରି ରହିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ପଶ୍ଚିମାଂଚଲ୍ ଏକତା ମଂଚ ଆଉ ସମ୍ବଲ୍‌ପୁରୀ ଏକତା ମଂଚ୍ ତର୍‌ଫୁ ସମ୍ବଲ୍‌ପୁର୍ ଠାନେ ହେଇଥିବା ସମ୍ବଲ୍‌ପୁରୀ ଦିନ୍ ସମାରୋହ ମାନ୍‌କେ ଯୋଗ୍ ଦେଇକରି ଶ୍ରୀ ପୂଜାରୀ ସମ୍ବଲ୍‌ପୁରୀ ଭାଷା, ସଂସ୍କୃତି ସାରା ପୁର୍‌ଥି ନ ଇହାଦେ ଆଦୃତ୍ ହେଇପାରିଛେ ବଲି କହିଛନ୍ ।

ସମ୍ବଲପୁରୀ ଦିନ୍ ଅବ୍‌ସରେ ରଙ୍ଗବତୀ, ଡାଲ୍‌ଖାଇ, ରସର୍‌କେଲି ଥି ସାରା ସହର୍ ଝୁମି ଉଠିଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଆର୍ ଅଲ୍‌ଗା ଅଧିକାରୀମାନେ ମିଶିକରି ଲୁକ୍‌କର୍ ସାଙ୍ଗେ ସମ୍ବଲ୍‌ପୁରୀ ଗୀତର୍ ତାଲେ ଝୁମି ଉଠିଥିଲେ ।

ପି.ଏମ୍. ଆବାସ-ସ୍ୱାସ୍ଥ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ଝାର୍‌ସୁଗୁଡ଼ା ଠାନେ ପ୍ରଧାନ୍‌ମନ୍ତ୍ରୀ ସହରୀ ଆବାସ୍ ଯୋଜ୍‌ନାର୍ ୨ ନମ୍ବର୍ ଖେପ୍‌ଥି କାର୍ଯ୍ୟାଦେଶ୍ ବାଂଟିଛନ୍ । ଯୋଜ୍‌ନାଥି ଜିଲ୍ଲାର୍ ଶହେ ୫୮ ଝନ୍ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟ୍‌ବାର୍ ସହେତେ ମଧୁବାବୁ ପେନ୍‌ସନ୍ ଯୋଜ୍‌ନାଥି ୪୫ ଝନ୍‌କୁ ଭତା ଭିଲ୍ ବାଂଟିଛନ୍ । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଉପସ୍ଥିତ୍ ଥିଲେ ।

ସଚେତନତା କର୍ମଶାଳା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ଠାନେ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ଇଥି ରକ୍ତହୀନତା,

ପୁଷ୍ଟିହୀନତା ଆଉ କୁପୋଷଣ ମୁକ୍ତ ପଂଚାୟତ୍ ଗଠନ୍ ଦିଗେ ତଲ୍ସ୍ତର୍ ନ କାମ୍ କରୁଥିବା ପ୍ରାଥମିକ କର୍ମୀମାନ୍କୁ ସଚେତନ୍ କରାଯାଇଥିଲା ।

ପାଣିପାଗ/ହୀରାକୁଦ୍ ଜଲ୍ଭଣ୍ଡାର୍ ଆର୍ଏନ୍ୟୁ/ ସମ୍ବଲପୁର

ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ବର୍ଗଡ଼୍, ସୁନ୍ଦର୍ଗଡ଼୍, ଦେବ୍ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ଆଏଜ୍ ୨ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍ ନ ଜଲ୍ସ୍ତର୍ ୬ ଶହ ୧୦ ଦଶ୍ମିକ୍ ୭/୯ ଫୁଟ୍ ରହିଛେ ।